# Akashvani, Sambalpur

## SAMBALPURI NEWS BULLETIN

### 9 July 2025- 6.47- 6.52 am.

*********************************************

ନିଳାଦ୍ରୀ ବିଜେ ଆର୍‌ଏନ୍‌ୟୁ/ ସମ୍ବଲପୁର

୯ ଦିନିଆ ରଥ୍‌ଯାତ୍ରା ସାରିକରି ଗଲାକାଏଲ୍ ଗଲାକାଏଲ୍ ଚତୁର୍ଦ୍ଧା ମୂର୍ତି ନୀଳାଦ୍ରୀ ବିଜେ କରିଛନ୍ । ସବୁଦିନିଆ ନୀତିକାନ୍ତି ରଥଉପ୍‌ରେ ହେବାର୍ ଉତ୍‌ରୁ ସନ୍ଧ୍ୟାଧୂପ ନୀତି ଶେଷ୍ ହେଲା ପରେ ଭୋଇ ସେବକ୍‌ମାନେ ତିନ୍‌ହି ରଥ ନ ଚାର୍‌ମାଲ୍ ବାନ୍ଧିଥିଲେ । ତାର୍ ଉତ୍‌ରୁ ଗୋଟି ପହଣ୍ଡିଥି ମାହାପୁରୁମାନ୍‌କୁ ରତ୍ନବେଦୀକେ ବିଜେ କରାଯାଇଥିଲା । ମହାଲକ୍ଷ୍ମୀଙ୍କର୍ ସାଙ୍ଗେ ବଚନିକା ହେବାର୍ ସହେତେ ରସ୍‌ଗୁଲା ଆଉ ପାଟବସ୍ତ୍ର ଦେଇକରି ମହାପ୍ରଭୁ ଶ୍ରୀ ଜଗନ୍ନାଥ୍ ମାଙ୍କର୍ ମାନଭଞ୍ଜନ୍ କରିଥିଲେ । ଇତାର୍‌ଉତ୍‌ରୁ ରତ୍ନବେଦୀ ନ ଚତୁର୍ଦ୍ଧାମୂର୍ତିଙ୍କର୍ ରୁନ୍ଧା ନୀତି କରାଯାଇକରି ଚାରମାଳ ହିଟାଯାଇଥିଲା । ତାର୍‌ପରେ ଚକାପୋଛା ସିଂହାସନ ଧୁଆ ବାଗିର୍ ନୀତି ମାନ୍ କରାଯାଇଥିଲା । ଶ୍ରୀମନ୍ଦିର୍ ନ ୯ ଦିନିଆ ରଥ୍‌ଯାତ୍ରା ଉତ୍‌ରୁ ଆଏଜ୍ ପହେଲା ମହାପ୍ରସାଦ୍ ବାହାର୍‌ବା । ଯେନ୍‌ଟାକେ ନୀଳାଚଳ ଅବଡ଼ା ବଲି କୁହାଯାଏସି ।

ପୁରୀ ରଥଯାତ୍ରା ଦଲାଚକ୍‌ଟା ଘଟ୍‌ନା     I&PR

ପୁରୀ ରଥଯାତ୍ରା ଦଲାଚକ୍‌ଟା ଘଟ୍‌ନାଥି ଆଏଜ୍ ଠାନୁ ସାକ୍ଷୀ ଗ୍ରହଣ୍ କରାଯିବା । ଘଟ୍‌ନାର୍ ତଦନ୍ତ୍ କରୁଥିବା ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ଆଏଜ୍ ଭୁବ୍‌ନେଶ୍ୱର୍ ରାଜ୍ୟ ଅତିଥି ଭବନ୍ ଠାନେ ଆଉ ଆଏବାକାଏଲ୍ ପୁରୀ ସ୍ପେଶାଲ୍ ସର୍କିଟ୍ ହାଉସ୍ ଠାନେ ଲୁକ୍‌କର୍ ଠାନୁ ତଥ୍ୟ ଆଉ ସାକ୍ଷୀ ଗ୍ରହଣ୍ କର୍‌ବେ । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଲାଗି ଟେଲିଫୋନ୍ ନମ୍ବର୍ ୦୬୭୪-୨୫୩୬-୮୮୨ /୨୩୯୧-୯୭୦ ଥି ଯୋଗାଯୋଗ୍ କରାଯାଇପାର୍‌ବା । ସେନ୍ତା କେନ୍ ଥିତି ନ ଇ ଘଟ୍‌ନା ଘଟ୍‌ଲା ସେ ବାବ୍‌ଦେ କେନ୍‌ସି ଲୋକ୍ କି ସଂସ୍ଥା ପାଖେ କିଛି ତଥ୍ୟ ଥିଲେ ଜୁଲାଇ ୨୦ ତାରିଖ୍‌ତକ୍ puritrajedy.enquery @odisha.gov.in ଥି ଇ-ମେଲ୍ ପଠେଇପାର୍‌ବେ ବଲି ରାଜ୍ୟ ଯୋଜନା ଆଉ ସଂଯୋଜନ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଡ୍ରାଇଭର୍ ସଂଘ ବନ୍ଦ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

୬ ଦଫା ଦାବି ନେଇକରି ଆନ୍ଦୋଲନ୍ କରିଥିବା ଡ୍ରାଇଭର୍ ସଂଘ ଗଲାକାଏଲ୍ ପରିବହନ୍ ମନ୍ତ୍ରୀଙ୍କର୍ ସଙ୍ଗେ ଆଲୋଚନା କର୍‌ବାର୍ ଉତ୍‌ରୁ ଆନ୍ଦୋଲନ୍‌ନୁ ଓହରି ଯାଇଛନ୍ । ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ଠାନେ

ଗଲାକାଏଲ୍ ହେଇଥିବା ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଆଉ ଡ୍ରାଇଭର୍ ମହାସଂଘର୍ ପ୍ରତିନିଧି ଦଲ୍ ଭିତ୍ରେ ଆଲୋଚନା ହେଇଥିଲା । ଆଲୋଚନା ସଫଲ୍ ହେବାର୍ ଉତ୍ରୁ ମହାସଂଘ ଆନ୍ଦୋଲନ୍ ବନ୍ଦ୍ ଘୋଷ୍ନା କରିଥିଲା ।

ସଡ଼କ୍ ଯୋଜ୍ନା-ଷ୍ଟାଣ୍ଡିଂ କମିଟି ବୈଠକ I&PR

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ପ୍ରଧାନ୍ମନ୍ତ୍ରୀ ଗ୍ରାମ୍ୟ ସଡ଼କ୍ ଯୋଜ୍ନାର୍ କାର୍ଯ୍ୟକାରିତା ବାବଦ୍ ୩୭ ନମ୍ବର୍ ଷ୍ଟାଣ୍ଡିଂ କମିଟି ବୈଠକ୍ ହେଇଯାଇଛେ । ବୈଠକ୍ଥି ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ କମିଶନର୍ ଆଉ ଶାସନ୍ ସଚିବ ଜାମିନୀ ଷଡ଼ଙ୍ଗୀ- ରାଏଜେ କାର୍ଯ୍ୟକାରୀ ହେଇଥିବା ପ୍ରଧାନ୍ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜ୍ନାର୍ ତଥ୍ୟ ଉପସ୍ଥାପନ୍ କରିଥିଲେ । ଶ୍ରୀମତୀ ଷଡ଼ଙ୍ଗୀଙ୍କର୍ ସୂଚ୍ନା ଅନ୍ସାରେ ଏବ୍ତକ୍ ଯୋଜ୍ନାଥି ରାଏଜେ ୭୦ ହଜାର୍ ୬ ଶହ ୯୨ କିଲୋମିଟର୍ନୁ ଅଏତ୍କା ୧୭ ହଜାର୍ ୫ ଶହ ୬୦ ଟା ରାସ୍ତା ତିଆର୍ କରାଯାଇଛେ । ସେଥିର୍ ଭିତ୍ରେ ୬ ଶହ ୩୭ ଟା ସେତୁ ନିର୍ମାଣ୍ କରାଯାଇଛେ । ଇତାର୍ଜରିଏ ୧୬ ହଜାର୍ ୯ ଶହ ୯୭ ଟା ଜନବସତିକେ ରାସ୍ତା ଆଉ ସେତୁ ସଂଯୋଗ୍ କରାଯାଇଛେ । ରାଏଜେ ରାସ୍ତା ଆଉ ସେତୁ ନିର୍ମାଣ୍ଥି ଗୁଣାତ୍ମକ ମାନ ବଜାୟ ରଖିବାର୍

ଆଉ ଧାରିଜ୍ ସମିଆ ଭିତ୍ରେ ପ୍ରକଳ୍ପ ମାନ୍କୁ ଶେଷ୍ କର୍ବାର୍କେ ଜୋର୍ ଦିଆଯାଇଥିଲା ।

ବର୍ଷା କ୍ଷୟକ୍ଷତି ଭର୍ନା ଆର୍ଏନ୍ୟୁ/ ସମ୍ବଲପୁର

ଲଗାୟତ୍ ବର୍ଷାଥି ଝାର୍ସୁଗୁଡ଼ା ଜିଲ୍ଲା ନ ଜବର୍ ନୁକ୍ସାନ୍ ହେଇଛେ । ଖାସ୍ କରି ଜିଲ୍ଲାର୍ ଲଇକେରା ଆଉ କିର୍ମିରା ବ୍ଲକ୍ ସହେତେ ଝାର୍ସୁଗୁଡ଼ା ପୌରାଂଚଲ୍ ନ ଅଏତ୍କା ନୁକ୍ସାନ୍ ହେଇଛେ । ବର୍ଷା ଲାଗି ହେଇଥିବା ନୁକ୍ସାନ୍ ଆଉ ଚାଷୀମାନ୍କୁ ସର୍କାର୍ଙ୍କର୍ ତର୍ଫୁ ଉପଯୁକ୍ତ କ୍ଷତିପୂରଣ୍ ଦିଆଯିବା ବଲି ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ସୂଚ୍ନା ଦେଇଛନ୍ । ଇ ବାବ୍ଦେ ବିଧାୟକ୍ ଶ୍ରୀ ତ୍ରିପାଠୀ ବିଭାଗୀୟ ମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ପ୍ରାଥମିକ୍ କ୍ଷୟକ୍ଷତିର୍ ଆକଲନ୍ ଅନ୍ସାରେ ରାସ୍ତାଘାଟ୍ ମରାମତି ଲାଗି ପୂର୍ତ ଆଉ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍କେ ପାଖାପାଖି ୬୦ କୋଟି ଟଙ୍କା ଦିଆଯାଇଛେ । ସେନ୍ତା ଭିନ୍ ଭିନ୍ ଜାଗା ନ ବନ୍ଧ୍ ମାନ୍କର୍ ମରାମତି ଲାଗି ୩ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ ବଲି ଶ୍ରୀ ତ୍ରିପାଠୀ କହିଛନ୍ ।

ନୂଆପଡ଼ା-ମାଓ ସାମାନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ନାରାୟଣ୍ ଡଙ୍ଗର୍ ନୁ ଗୁଟେ ମାଓ କେମ୍ପ୍ ଠାବ୍ ହେଇଛେ । କେମ୍ପ୍‌ନୁ ବହୁତ୍‌ଟେ ମାଓ ସାମଗ୍ରୀ ଜବତ୍ ହେଇଛେ ବଲି ନୂଆପଡ଼ା ଏସ୍.ପି ଜି.ଆର୍. ରାଘବେନ୍ଦ୍ର ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇଛନ୍ । ଇ ଭିତ୍‌ରେ ଗୁଟେ ଟିଫିନ୍ ବୋମା , ୨୦ ଟା ଜିଲୋଟିନ୍ ଷ୍ଟିକ୍, ବିଦ୍ୟୁତ୍ ତାର୍ ବାଗିର୍ ଭିନ୍ ଭିନ୍ ମାଓ ସାମାନ୍ ଜବତ୍ ହେଇଛେ ।

ବନ ମହୋତ୍ସବ୍ ସପ୍ତାହ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାନେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର୍ ପଣ୍ଡାଙ୍କର୍ ଦେଖ୍‌ରେଖ୍‌ଥି ବନ ମହୋତ୍ସବ୍ ସପ୍ତାହ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ପ୍ଲାଷ୍ଟିକ୍ ବର୍ଜନ୍, ତମାଖୁ ନିଷେଧ ସଚେତନତା କର୍‌ବାର୍ ସହେତେ ଗଛ୍ ଲଗାବାର୍ ଲାଗି ଲୁକ୍‌କୁ ତହଁକେଇଥିଲେ ।

ସାହିତ୍ୟ ଏକାଡେମୀ- ସ୍ୱନକ୍ଷତ୍ର ଦିବସ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ଠାନେ ଓଡ଼ିଶା ସାହିତ୍ୟ ଏକାଡେମୀ ତର୍‌ଫୁ ସ୍ୱନକ୍ଷତ୍ର ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର୍ ସିଂଙ୍କର୍ ଅଧ୍ୟକ୍ଷତାଥି

ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍‌ଲାଲ୍ ଦୁବେ ଯୋଗ୍ ଦେଇଥିଲେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍-୨୦ ଟା ଗେଟ   ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ୧୬ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ହୀରାକୁଦ୍ ଡେମ୍ କର୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାରକେ ଫି' ସେକେଣ୍ଡ୍‌ଥି ୨ ଲାଖ୍ ୨୯ ହଜାର୍ ୧୦ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୨ ଲାଖ୍ ୬୯ ହଜାର୍ ୮ ଶହ ୩୯ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୬ ଦଶ୍‌ମିକ୍ ୨/୩ ଫୁଟ୍ ରହିଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାର୍ ପାଖର୍ ଇଲାକା ଉପ୍‌ରେ ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଆଏଜ୍ ପଶ୍ଚିମ ଓଡ଼ିଶା ସହେତେ ୧୫ ଟା ଜିଲ୍ଲାନୁ ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେବା ।

ଆଏଜ୍ ଆଉ ଆଏବା କାଏଲ୍ ବର୍ଷା ସାମାଏନ୍ କମ୍‌ବା । ମାତର୍‌କ ୧୨ ତାରିଖ୍‌ନୁ ବର୍ଷା ଫେର୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁଁ ଅନୁମାନ୍ କରାଯାଇଛେ ।